# ମହିଳା ଶ୍ରମିକଙ୍କ ପାଇଁ ଆଇନଗତ ସୁବିଧା ସୁଯୋଗ



## ବିଶାଖା ଗାଇଡ୍‌ଲାଇନ୍‌ସ ଆକ୍ଟ : ୧୯୯୭

କାର୍ଯ୍ୟରତ ମହିଳା ଶ୍ରମିକଙ୍କୁ ସୁରକ୍ଷିତ କାମ କରିବା ପାଇଁ ପରିବେଶ ଯୋଗାଇବା ନିଯୁକ୍ତିଦାତାଙ୍କ ଆଇନତଃ କର୍ତ୍ତବ୍ୟ, ମହିଳାମାନେ କାର୍ଯ୍ୟକାଳରେ ଯଦି ବାହାରୁ ଲୋକଙ୍କଦ୍ୱାରା ନିର୍ଯ୍ୟାତିତ ହୁଅନ୍ତି ତେବେ ମଧ ମହିଳା କର୍ମିଟିକୁ ନ୍ୟାୟଦେବା ନିଯୁକ୍ତିଦାତାଙ୍କ କର୍ତ୍ତବ୍ୟ।

## ବିଡ଼ି ଆଣ୍ଡ ସିଗାର ଆକ୍ଟ : ୧୯୬୬

ପଚ୍ଚଶଜଣରୁ ଅଧିକ ମହିଳାଶ୍ରମିକ କାମ କରୁଥିଲେ କାର୍ଯ୍ୟସ୍ଥଳରେ ସେମାନଙ୍କର ଶିଶୁଙ୍କ ଦେଖାରଖା ପାଇଁ ଆଇନତଃ କ୍ରେଚ୍ ସୁବିଧା ପାଇବା ପାଇଁ ହକ୍‌ଦାର।

## ୱାର୍କମେନ୍ କମ୍ପେନସେସନ ଆକ୍ଟ : ୧୯୨୩

କାମ କରୁଥିବା ସମୟରେ ଦୁର୍ଘଟଣା ଘଟିଲେ ଜଣେ ଶ୍ରମିକ ସେଥିପାଇଁ କ୍ଷତିପୂରଣ ପାଇବା ପାଇଁ ଆଇନତଃ ହକ୍‌ଦାର।

## ମିନିମମ୍ ୱେଜ୍ ଆକ୍ଟ : ୧୯୪୮

ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରୀ ପାଇବା ପାଇଁ ଜଣେ ଶ୍ରମିକ (ମହିଳା, ପୁରୁଷ ନିର୍ବିଶେଷରେ)ହକ୍‌ଦାର।

## ଇଣ୍ଡଷ୍ଟ୍ରୀଆଲ୍ ଡିସପ୍ୟୁଟସ୍ ଆକ୍ଟ : ୧୯୪୭

ମହିଳା ଶ୍ରମିକ ଯେ କୌଣସି ଶୋଷଣ/ଅନ୍ୟାୟ (ନିଯୁକ୍ତିଦାତାଙ୍କ) ବିରୁଦ୍ଧରେ ଆଇନତଃ ସ୍ୱର ଉତ୍ତୋଳନ କରିପାରିବ।

## ଫ୍ୟାକ୍ଟ୍ରିଜ୍ ଆକ୍ଟ : ୧୯୪୮ ଏବଂ ମାଇନ୍‌ସ ଆକ୍ଟ:୧୯୫୨

ଏହି ଆଇନ ଅନୁଯାୟୀ ଭୂତଳ/ବିପଦପୂର୍ଣ୍ଣ ସ୍ଥାନ ରେ ମହିଳା ଶ୍ରମିକଙ୍କୁ କାମ କରିବା ପାଇଁ ନିଷେଧ କରାଯାଇଛି।

ଭାରୀ ମେସିନ୍‌ରେ ମହିଳା ଶ୍ରମିକଙ୍କୁ କାର୍ଯ୍ୟ କରିବା ପାଇଁ ମନା।

## ଇକ୍ୱାଲ ରେମୁନରେସନ ଆକ୍ଟ : ୧୯୭୬

ମହିଳା ପୁରୁଷ ନିର୍ବିଶେଷରେ ଜଣେ ଶ୍ରମିକ ସମାନ କାମ ନିମନ୍ତେ ସମାନ ମଜୁରୀ ପାଇବା ପାଇଁ ହକ୍‌ଦାର।

## ଇଣ୍ଟର-ଷ୍ଟେଟ୍ ମାଇଗ୍ରାଣ୍ଟ ୱାର୍କମେନ୍ ଆକ୍ଟ : ୧୯୭୯

ଏହି ନିୟମ ଅନୁଯାୟୀ ଦେଶାନ୍ତରୀ ଶ୍ରମିକଙ୍କ ଅଧିକାର

- ଲେବର କଂଟ୍ରାକ୍ଟରଙ୍କ ଖର୍ଚ୍ଚରେ ନିଜକୁ ଲେବର ଅଫିସ୍‌ରେ ପଂଜୀକୃତ କରିବା।
- ଯିବା ଆସିବା ଖର୍ଚ୍ଚ, ଯିବା ଆସିବା ଦିନର ମଜୁରୀ, ଖାଇବା ଖର୍ଚ୍ଚ
- ନିଯୁକ୍ତିଦାତାଙ୍କ ପରିଚୟ, ଠିକଣା, ମଜୁରୀହାର, କାମ ବିଷୟରେ ସୂଚନା ପ୍ରଦାନ।

## ରେଗୁଲେସନ ଅଫ୍ ଏମ୍ପ୍ଲୋୟମେ ଆଣ୍ଡ କଣ୍ଡିସନ୍ ଅଫ୍ ସର୍ଭିସ୍ ଆକ୍ଟ - ୧୯୯୬

"ନିଯୁକ୍ତି ପରିଚାଳନା ଏବଂ ସେବା ଯୋଗାଣ" ଅଧିନିୟମ-୧୯୯୬ ଅନୁଯାୟୀ ଗୃହ ନିର୍ମାଣ ଓ ଅନ୍ୟାନ୍ୟ ନିର୍ମାଣ କ୍ଷେତ୍ରରେ ନିୟୋଜିତ ପଞ୍ଜିକୃତ ଶ୍ରମିକଙ୍କମାନଙ୍କୁ ନିମ୍ନ ଲିଖିତ ସେବା ଯୋଗାଇ ଦିଆଯିବ।

- ଦୁର୍ଘଟଣା ଜନିତ ସହାୟତା
- ୬୦ ବର୍ଷ ବୟସ ପରେ ହିତାଧିକାରୀଙ୍କୁ ପେନ୍‌ସନ୍ ସୁବିଧା
- ପରିବାର ପେନ୍‌ସନ୍ ଓ ଅକର୍ମଣ୍ୟ ପେନ୍‌ସନ୍
- ଶବଦାହ ପାଇଁ ଉଦ୍ଦିଷ୍ଟ ସହାୟତା
- ଗୃହନିର୍ମାଣ ପାଇଁ ଅଗ୍ରିମ ଋଣ ପ୍ରଦାନ
- ସାମୂହିକ ବୀମା
- ହିତାଧିକାରୀଙ୍କର ପିଲାମାନଙ୍କ ଶିକ୍ଷା ପାଇଁ ଆର୍ଥିକ ସହାୟତା
- ହିତାଧିକାରୀ ଓ ତାଙ୍କ ଉପରେ ନିର୍ଭରଶୀଳ ବ୍ୟକ୍ତିଙ୍କର ଚିକିତ୍ସା ପାଇଁ ଖର୍ଚ୍ଚ ବହନ
- ମହିଳା ହିତାଧିକାରୀ ମାନଙ୍କ ପାଇଁ ପ୍ରସବକାଳୀନ ଆର୍ଥିକ ସହାୟତା
- ବିବାହ ପାଇଁ ଆର୍ଥିକ ସହାୟତା
- ସରଞ୍ଜାମ କିଣିବା ପାଇଁ ଅଗ୍ରିମ ସହାୟତା
- ଏକ ନିର୍ଦ୍ଦିଷ୍ଟ ବିଷୟ ବସ୍ତୁ ଉପରେ ପ୍ରଶିକ୍ଷଣ ସହାୟତା
- ଆ ଲିକ ଅଧିକାରୀଙ୍କୁ ନିର୍ମାଣ ଶ୍ରମିକଙ୍କର ସୁବିଧା ପାଇଁ ବିଭିନ୍ନ ରିହାତି ଦରରେ ଋଣ ପ୍ରଦାନ



## ମାଟରନିଟି ବେନିଫିଟ୍ ଆକ୍ଟ : ୧୯୬୧

- ଜଣେ ଗର୍ଭବତୀ ମହିଳା ଶ୍ରମିକ ଗର୍ଭଧାରଣ, ଶିଶୁଜନ୍ମ ତଥା ଶିଶୁ ଯତ୍ନ ପାଇଁ ଛୁଟି ନେବାପାଇଁ ଆଇନତଃ ହକ୍‌ଦାର।
- ସେ ପ୍ରସବକାଳୀନ ପ୍ରାପ୍ୟ (ଦୈନିକ ମଜୁରୀ) ପାଇବାକୁ ହକ୍‌ଦାର।

## ବଣ୍ଡେଡ୍ ଲେବର ସିଷ୍ଟମ ଆବୋଲିସନ ଆକ୍ଟ : ୧୯୭୬

ଏହି ଆଇନ ଅନୁସାରେ ଜଣେ ଶ୍ରମିକଙ୍କୁ ଗୋତି ଖଟିବା ପାଇଁ ବାଧ କରାଯିବ ନାହିଁ।

National Alliance of Women, Odisha Chapter, N\6-474, IRC Village, BBSR-15, Odisha. Ph. : (0674)2553094, E-mail : nawo_orissa@redifmail.com